# Akashvani, Sambalpur

## SAMBALPURI NEWS BULLETIN

### 10 April 2025- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାରାତି ନୂଆଦିଲ୍ଲୀ ଗସ୍ତ ସାରିକରି ଭୁବ୍‌ନେଶ୍ୱର୍ ପୁହୁଁଚିଲା ଉତ୍‌ରୁ ସାମ୍ବାଦିକ୍ ସମ୍ମିଲନୀ ଜରିଏ ଗସ୍ତ ବାବ୍‌ଦେ ସୂଚ୍‌ନା ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଗସ୍ତ ସମିଆଥି ଏପ୍ରିଲ୍ ୭ ଆଉ ୮ ତାରିଖ୍ ନୂଆଦିଲ୍ଲୀ ଠାନେ ହେଇଥିବା ନିବେଶକ୍ ସମ୍ମିଲନୀଥି ଭିନ୍ ଭିନ୍ କମ୍ପାନୀ ମାନ୍‌କର୍ ସାଙ୍ଗେ ରାଜ୍ୟ ସର୍‌କାର୍ ୧୩ ଟା ଚୁକ୍ତି ସ୍ୱାକ୍ଷର୍ କରିଛନ୍ । ଇତାର୍‌ସହେତେ ରାଏଜେ ପୁଞ୍ଜିନିବେଶ୍ ଲାଗି ୧୫ ଟା ସଂସ୍ଥା ସହମତି ଦେଇଛନ୍ । ଇତାର୍‌ଦ୍ୱାରା ରାଜ୍ୟକେ ୧ ଲାଖ୍ ୩ ହଜାର୍ ୯୦ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଆଏବା ଆଉ ଇଥି ୯୫ ହଜାର୍ ଶହେ ୯୫ ଟା ନିଯୁକ୍ତି ମିଲିପାର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର୍ ସଙ୍ଗେ ଆଲୋଚନା ବାବ୍‌ଦେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଏଜେ ପୁଲିସ୍ ବାହିନୀକେ ବର୍‌କସ୍ କର୍‌ବାର୍ ଲାଗି ଖାଲି ପଡ଼ିଥିବା ୧୨ ହଜାର୍ ପଦ୍‌ବୀଥି ନିଯୁକ୍ତି, ୩ ଟା ନୂଆଁ ଅପରାଧୀକ୍ ଆଇନ୍ କାର୍ଯ୍ୟକାରୀ, ୨୦ ଟା ସାଇବର୍ ଥାନା ପ୍ରତିଷ୍ଠା, ଫରେନ୍‌ସିକ୍ ସାଇନ୍ସ ବିଭାଗ୍‌ଥି ନିଯୁକ୍ତି ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ପୁରା ସହଯୋଗ୍ ଦେବାର୍‌କେ ସହମତି ଦେଇଛନ୍ ।

ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ/ଭୁବ୍‌ନେଶ୍ୱର୍

ସମ୍ବାଦଦାତା/I&PR

ରାଏଜେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜ୍‌ନା ଆଉ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜ୍‌ନା ମିଳିତ୍ ଭାବେ ଆଏବା କାଏଲ୍ ଠାନୁ ଲାଗୁ କରାଯିବା । ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ କଟକ ବାଲିଯାତ୍ରା ପଡ଼ିଆଠାନେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଜରିଏ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଯୋଜ୍‌ନାର ଶୁଭାରମ୍ଭ କର୍‌ବେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଦୁହି ଉପମୁଖ୍ୟମନ୍ତ୍ରୀ ଆଉ ସ୍ୱାସ୍ଥ୍ୟମନ୍ତ୍ରୀ

ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ସେନ୍ତା ରାଜ୍ୟର୍ ୧୩ ଟା ଜିଲ୍ଲା ନ ହେବାର୍କେ ଥିବାର୍ ଯୋଜ୍ନାର୍ ଶୁଭାରମ୍ଭ କାର୍ଯ୍ୟକ୍ରମ୍ଥି ମନ୍ତ୍ରୀମାନେ ଯୋଗ୍ ଦେଇକରି ଲୁକ୍କୁ ନୂଆଁ ସ୍ୱାସ୍ଥ୍ୟ କାର୍ଡ୍ ବାଂଟ୍ବେ । ଇ ଅବ୍ସରେ ୭୦ ବଛର୍ନୁ ଅଏତ୍କା ବୟସର୍ ଲୁକ୍କର ଲାଗି ଆୟୁଷ୍ମାନ ବୟୋବନ୍ଦନ୍ ଯୋଜ୍ନାର ଭିଲ୍ ଶୁଭାରମ୍ଭ ହେବା ।

ଉପମୁଖ୍ୟମନ୍ତ୍ରୀ- ବିଭାଗୀୟ ସମୀକ୍ଷା I&PR

ଆଏବା ୩ ବଛର୍ ଭିତ୍ରେ ରାଜ୍ୟର୍ ସବୁ ଅଙ୍ଗନବାଡ଼ିକେ ସକ୍ଷମ୍ ଅଙ୍ଗନବାଡ଼ି କର୍ବାର୍ ଲାଗି ଯୋଜ୍ନା ତିଆର୍ କର୍ବାର୍କେ ଉପମୁଖ୍ୟମନ୍ତ୍ରୀ ଆଉ ମହିଲା ଆଉ ଶିଶୁବିକାଶ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଗଲାକାଏଲ୍ ବିଭାଗ୍ର ସମୀକ୍ଷା କରିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସମନ୍ୱିତ ଶିଶୁ ବିକାଶ୍ ଯୋଜ୍ନା ଅଧୀନ୍ଥି ହିତାଧିକାରୀମାନ୍କୁ ଦିଆଯାଉଥିବା ଟେକ୍ ହୋମ୍ ରାସନ୍ର ଗୁଣବତା ଉପ୍ରେ ଜୋର୍ ଦେଇଛନ୍ । ମିଶନ୍ ବାତ୍ସଲ୍ୟର୍ କାର୍ଯ୍ୟକାରିତା ଉପ୍ରେ ଭିଲ୍ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ ।

ଓଡ଼ିଆ ପକ୍ଷ-ଲୋକକଳା ଲାଗି ଦିନ୍‌ଟେ I&PR

ଓଡ଼ିଶା ଦିବସ୍ ପାଲନ୍ ଦିନୁ ରାଜ୍ୟ ସର୍‌କାର୍ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଳା, ଆର୍ ସଂସ୍କୃତିକେ ନେଇକରି ଆଏବା ୧୪ ତାରିଖ୍‌ତକ୍ ଫି’ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ । ଓଡ଼ିଆ ପକ୍ଷ ପାଲନ୍‌ର ୧୦ ନମ୍ବର୍ ଦିନେ ଆଏଜ୍ ରାଏଜେ ‘ଲୋକକଳା ଲାଗି ଦିନ୍‌ଟେ’ କାର୍ଯ୍ୟକ୍ରମ୍ ହେବା । ଓଡ଼ିଶାର୍ ଲୋକକଳାର୍ ପ୍ରଚାର୍ ପ୍ରସାର୍ ଲାଗି ଆଏଜ୍ ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯିବା ।

ବିଶ୍ୱ ଦକ୍ଷତା କେନ୍ଦ୍ର-ନାଁଲେଖା I&PR

ଭୁବ୍‌ନେଶ୍ୱର୍ ବିଶ୍ୱ ଦକ୍ଷତା କେନ୍ଦ୍ରଥି ଅତ୍ୟାଧୁନିକ୍ ପାଠ୍ୟକ୍ରମଥି ନାଁ ଲେଖାବାର୍‌କେ ଅନ୍‌ଲାଇନ୍ ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ୨୦୨୫-୨୬ ବେଚ୍ ଲାଗି ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଉ ସ୍କୁଲ୍ ଅଫ୍ ସର୍ଭିସେସ୍ ବିଭାଗ୍ ଅଧୀନ୍‌ଥି ୭ ଟା ପାଠ୍ୟକ୍ରମ୍‌ଥି ନାଁ ଲେଖାଯିବା । ଅନ୍‌ଲାଇନ୍ ପଞ୍ଜିକରଣ୍ ପ୍ରକ୍ରିୟା ମେ ୩ ତାରିଖ୍‌ତକ୍ ଚାଲ୍‌ବା । ଦକ୍ଷତା ବିକାଶ୍ ଲାଗି ଇଚ୍ଛୁକ ଯୁବ ପିଢ଼ି

www.world skill center.org ଥି ପହେଲା ପଞ୍ଜିକରଣ୍ କଲା ଉତ୍‌ରୁ ନାଁଲେଖା ଲାଗି ଆବେଦନ୍ କରିପାର୍‌ବେ ବଲି କର୍ତୃପକ୍ଷଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଓଡ଼ିଶା ଶିଳ୍ପ ନିର୍ଦ୍ଦେଶକ୍-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ଓଡ଼ିଶା ଶିଳ୍ପ ନିର୍ଦ୍ଦେଶକ୍ ଆଉ ନୂଆପଡ଼ା ଜିଲ୍ଲା ନୋଡ଼ାଲ୍ ଅଧିକାରୀ ଡକ୍ଟର୍ ପ୍ରଶାନ୍ତ କୁମାର୍ ରେଡ୍ଡୀ ଜିଲ୍ଲାର୍ ଉନ୍ନୟନ କାମ୍‌ର ସମୀକ୍ଷା କରିଛନ୍ । ଖରିଆର୍ ରୋଡ୍ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟର୍ ଛାତ୍ରୀନିବାସ୍, ସୁନାବେଡ଼ା ଅଭୟାରଣ୍ୟ ଭିତ୍‌ରେ ଥିବା ସୁନାଦେଇ ମନ୍ଦିର୍ ବୁଲିକରି ଦେଖିଛନ୍ । ସୁନାବେଡ଼ା ଠାନେ ଲୁକକର୍ ସାଙ୍ଗେ ବୈଠକ୍ କରିକରି ଶିକ୍ଷା, ସ୍ୱାସ୍ଥ୍ୟ, ପାଏନ୍, ରାସ୍ତାଘାଟ୍ ଆଉ ଖାଉଟି ଦରବ୍ ଯୋଗାଣ ବାବ୍‌ଦେ ପଚ୍‌ରେଇ ବୁଝିଛନ୍ । ତାର୍ ଉତ୍‌ରୁ ଢେଙ୍କୁନ୍, ସାଲେପଦା ଗାଁକେ ଯାଇକରି ଭିନ୍ ଭିନ୍ ସର୍‌କାରୀ କାମ୍‌ର ସମୀକ୍ଷା କରିଥିଲେ ।

କଲାହାଣ୍ଡି କପ-ଫାଇନାଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା କଲାହାଣ୍ଡି କପ୍ କ୍ରିକେଟ୍‌ର ଫାଇନାଲ୍ ମେଚ୍‌ଥି ଗଲାକାଏଲ୍ ସୁନ୍ଦର୍‌ଗଡ଼୍ ଦଲ୍ - କଟକ୍-ଏ ଦଲ୍‌କେ ହରେଇକରି ଚମ୍ପିଆନ୍ ହେଇଛେ । କଟକ୍ ଦଲ୍ ପହେଲା ବେଟିଂ କରିକରି ୪୫ ଓଭର୍ ୨ ବଲ୍‌ଥି ଶହେ ୩୨ ରନ୍ କରିକରି ଅଲ୍‌ଆଉଟ୍ ହେଇଥିଲା । ଜବାବ୍‌ଥି ସୁନ୍ଦର୍‌ଗଡ଼୍ ଦଲ୍ ୬ ୱିକେଟ୍ ହରେଇକରି ବିଜୟ ଲକ୍ଷ୍ୟ ହାସଲ୍ କରିଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ବଙ୍ଗୋପସାଗର୍ ନ ହେଇଥିବା ଲଘୁଚାପ୍ କ୍ଷେତ୍ର ତୀବ୍ର ହେଇକରି ଉତର୍- ଉତର୍‌ପଶ୍ଚିମ ଦିଗେ ଗତି କର୍‌ବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଆଏବା କାଏଲ୍‌ତକ୍ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୯ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।